ସଙ୍କର ଜାତୀୟ ବିଲାତି ବାଇଗଣ ଚାଷ

ବିଲାତି ବାଇଗଣ ଆମ ରାଜ୍ୟର ଏକ ମୁଖ୍ୟ ପରିବା । ଆମ ରାଜ୍ୟରେ ସାଧାରଣତଃ ଶୀତଦିନେ ବହୁତ ପ୍ରକାର ପନିପରିବା ଚାଷ ଯଥା ବିଲାତି ବାଇଗଣ, ଫୁଲକୋବି, ବନ୍ଧାକୋବି, ମୂଳା ହୋଇଥାଏ । କିନ୍ତୁ ସଙ୍କର କିସମ ବିଲାତି ବାଇଗଣ ବର୍ଷର ଅଧିକାଂଶ ସମୟରେ ହୋଇ ଆମଦାନୀ ପ୍ରାୟ ୨ ଗୁଣ ହେଇପାରୁଛି । ଅଧିକ ଉତ୍ପାଦନ ସମୟରେ ଏଥିରୁ ମୂଲ୍ୟଯୁକ୍ତ ପଦାର୍ଥ ଯଥା ସସ୍, ଚଟଣୀ, କେଚଅପ ଇତ୍ୟାଦି ପ୍ରସ୍ତୁତ କରାଯାଇ ଭବିଷ୍ୟତ ପାଇଁ ସାଇତି ରଖାଯାଇଥାଏ । ମୟୁରଭଞ୍ଜ ଜିଲ୍ଲାରେ ୮,୨୧୮ ହେକ୍ଟର ଚାଷ ଜମିରେ ବିଲାତିବାଇଗଣ ଚାଷ କରାଯାଉଛି । ଦେଶୀ ଓ ଉନ୍ନତ କିସମରୁ କମ୍ ଅମଳ ହେଉଥିବାରୁ ଏହାକୁ ଆଖିଆଗରେ ରଖି "ଆତମ୍ା" ଆର୍ଥିକ ସହାୟତାରେ କୃଷି ବିଜ୍ଞାନ କେନ୍ଦ୍ର, ମୟୁରଭଞ୍ଜ ତରଫରୁ ସଙ୍କର କିସମ ଜେକେ ଦେଶୀ ବିଲାତିବାଇଗଣର ପରୀକ୍ଷଣ କରାଯାଇଥିଲା ।

ଜଳବାୟୁ

ସଙ୍କର ବିଲାତିବାଇଗଣ ହାରାହାରି ମାସିକ ତାପମାତ୍ରା ୨୧° ସେଣ୍ଟିଗ୍ରେଡ଼ରେ ସବୁଠାରୁ ଭଲ ବଢିଥାଏ । ଗରମ, ଖରା ପାଗ ଜଳବାୟୁ ଦ୍ୱାରା ଫଳ ଭଲ ଭାବରେ ପାଚି, ଅଧିକ ଅମଳ ପାଇଁ ଅନୁକୂଳ ହୋଇଥାଏ ।

ମଞ୍ଜିଲଗାଇବା ସମୟ — ମେ ୧୫ ତାରିଖରୁ ଜୁନ୍, ଅକ୍ଟୋବର-ନଭେମ୍ବର, ଜାନୁୟାରୀ-ଫେବୃୟାରୀ

ମଞ୍ଜିର ପରିମାଣ — ହେକ୍ଟର ପ୍ରତି ୨୦୦ ରୁ ୨୫୦ ଗ୍ରାମ୍

ଦୂରତା ଓ ବ୍ୟବଧାନ — ୭୫ ସେ.ମି. x ୬୦ ସେ.ମି.

ଖତ ଓ ସାର

ଶେଷଥର ହଳ କରିବା ପୂର୍ବରୁ ପ୍ରତି ହେକ୍ଟର ଜମିରେ ୭୫ ରୁ ୮୦ ଶଗଡ଼ ଗୋବର ଖତକୁ ଚାରିଆଡ଼େ ସମାନ ଭାବରେ ଖେଳେଇ ଦିଅନ୍ତୁ । ହେକ୍ଟର ପ୍ରତି ୨୦୦ କି.ଗ୍ରା. ଡି.ଏ.ପି., ୪୦୦ କି.ଗ୍ରା. ୟୁରିଆ, ୧୫୦ କି.ଗ୍ରା. ମ୍ୟୁରେଟ୍ ଅଫ୍ ପୋଟାସ୍ ଖାଦ୍ୟସାରକୁ ଦିଆଯାଇଥାଏ ।

ଜଳସେଚନ

ଫସଲରେ ଅଳ୍ପ ଅଳ୍ପ ପାଣି ମଡ଼େଇବାକୁ ପଡ଼ିଥାଏ । ଦୁଇ ଜଳସେଚନ ମଝିରେ ସମୟ ବ୍ୟବଧାନ ଋତୁ, ମାଟିର ପ୍ରକାର, ଆଉ ଫସଲର ବୃଦ୍ଧିକୁ ଦେଖି ସ୍ଥିର କରିବାକୁ ପଡ଼ିଥାଏ ।

ଗଛର ସୁରକ୍ଷା ପାଇଁ ପଦକ୍ଷେପ

୧) ଚାରା ରୋପଣ ସମୟରେ କୀଟନାଶକ, ଫିମ୍ପିନାଶକ ବ୍ୟବହାର କରନ୍ତୁ ।

୨) ନିମ୍ବ ପିଡ଼ିଆ ୧ କ୍ୱିଣ୍ଟାଲ୍ ଏକ ଏକରକୁ ପ୍ରୟୋଗ କରନ୍ତୁ ।

୩) ୨୦ ଦିନ ପରେ ବାଭିଷ୍ଟିନ୍ ୨ ଗ୍ରାମ ପ୍ରତି ଲିଟର ପାଣି ହିସାବରେ ସିଞ୍ଚନ

୪) ୩୦ ଦିନ ପରେ ଗଛକୁ ଏଣ୍ଡୋଫିଲ୍ ଏମ୍ ୪୫ରେ ଓଦା କରନ୍ତୁ ।

୫) ଏନ୍.ଏ.ଏ (ପ୍ଲାନୋଫିକ୍ସ ୧ ମି.ଲି. / ୧୦ ଲିଟର) ପ୍ରଥମ ଫୁଲ ଫୁଟିବା ସମୟରେ ଏବଂ ୧୫ ରୁ ୨୦ ଦିନ ବ୍ୟବଧାନରେ ଆଉ ୨ଥର ସ୍ପ୍ରେ କଲେ ଅଧିକ ଅମଳ ମିଳିଥାଏ ।

୬) ଫଳ ପାଚିବାକୁ ଆରମ୍ଭ କରିବା ସମୟରେ ଇଥ୍ରେଲ (୧ମି.ଲି. / ୧୦ ଲିଟର) ଗଛରେ ସ୍ପ୍ରେ କଲେ ଫଳ ଶୀଘ୍ର ଓ ସମାନ ଭାବରେ ପାଚିଥାଏ ।

୭) ୧୦୦ ଦିନ ପରେ ଫସଲର ଅବସ୍ଥାକୁ ଦେଖି କୀଟନାଶକ ଔଷଧ ସ୍ପ୍ରେ କରନ୍ତୁ । କରନ୍ତୁ ।

କୃଷି ବିଜ୍ଞାନ କେନ୍ଦ୍ରର ପଦକ୍ଷେପ

"ଆତ୍ମା"ର ଆର୍ଥିକ ସହାୟତାରେ କୃଷିବିଜ୍ଞାନ କେନ୍ଦ୍ର, ମୟୁରଭଞ୍ଜ ତରଫରୁ ସଙ୍କର କିସମ ଜେ.କେ.ଦେଶୀ ବିଲାତି ବାଇଗଣ ଚାଷର ବୈଜ୍ଞାନିକ ଜ୍ଞାନ କୌଶଳ କୁ ନେଇ ଚାଷୀ କ୍ଷେତରେ ପ୍ରଦର୍ଶନ କରାଯାଇଥିଲା । ବିହନ ଓ ଚାରା ବିଶୋଧନ ସାଙ୍ଗକୁ ଅନୁମୋଦିତ ଖତସାରର ପ୍ରୟୋଗ କରାଯାଇ ଜେକେଦେଶୀ କିସମରୁ ଚାଷୀ ୨ଗୁଣରୁ ଅଧିକ ଅମଳ ପାଇପାରିଛନ୍ତି ।

ଆର୍ଥିକ ଲାଭ

ଉପଯୁକ୍ତ ପରିଚାଳନା ଦ୍ୱାରା ଚାଷୀମାନେ ସର୍ବାଧିକ ହେକ୍ଟରକୁ ୩୭୫ କ୍ୱିଣ୍ଟାଲ୍ ଓ ସର୍ବନିମ୍ନ ୩୫୫ କ୍ୱିଣ୍ଟାଲ ପର୍ଯ୍ୟନ୍ତ ଅମଳ କରିପାରିଛନ୍ତି । ହେକ୍ଟର ପିଛା ଖତସାର, ଔଷଧ ଓ ଶ୍ରମ ବିନିଯୋଗ ମୂଲ୍ୟକୁ ହିସାବକୁ ନେଲେ ସମୁଦାୟ ୮୫୫,୦୦୦ ଖର୍ଚ୍ଚ ହୋଇ ୧ ଲକ୍ଷ ୭୦,୦୦୦ ପର୍ଯ୍ୟନ୍ତ ଲାଭ ହେଇପାରିଛି ।

ସଫଳ ଚାଷୀ

ଉଦ୍ୟୋଗୀ ଚାଷୀ ଶ୍ରୀ ନରେନ୍ଦ୍ର ବେହେରା, ଗ୍ରାମ - ଡ଼ବକ୍, ବ୍ଲକ୍ : ଖୁଣ୍ଟାଙ୍କ ଭାଷାରେ, "ପୂର୍ବରୁ ଦେଶୀ କିସମ ବିଲାତି ଚାଷ କରି ଭରଣପୋଷଣ ହେଉନଥିଲା, ସେଥିପାଇଁ ଅନ୍ୟ ଧନ୍ଦା କରିବାକୁ ମନ ବଳାଇଥିଲି, କିନ୍ତୁ କୃଷି ବିଜ୍ଞାନ କେନ୍ଦ୍ର ସଂସ୍ପର୍ଶରେ ଆସି ମୋ ନିଜସ୍ୱ ଜମିରେ ଜେକେ.ଦେଶୀ ସଙ୍କର କିସମ ବିଲାତି ବାଇଗଣ ଚାଷ କରି ଅମଳ ଦୁଇଗୁଣ ପାଇପାରିଲି । ଅନ୍ୟ ଆଗ୍ରହୀ ଚାଷୀଭାଇ ଓ ଭଉଣୀମାନଙ୍କୁ ଏହି କିସମ ଚାଷ କରିବାକୁ ଉତ୍ସାହିତ କରିବା ଉଚିତ୍ ।"



ଆଲେଖ୍ୟ :
ସଂଘମିତ୍ରା ପଟ୍ଟନାୟକ
ସମ୍ପାଦନା :
ଜଗନ୍ନାଥ ପାତ୍ର
ସହାୟତା :
ମାନସୀ ଭୋଳ, ଡ. ଦେବାଶିଷ ମିଶ୍ର,
ଦୀପକ କୁମାର ମହାନ୍ତି,
ସଞ୍ଜୟ କୁମାର ବାରିକ, ରଘୁନାଥ ପତି

ଆର୍ଥିକ ସହାୟତା : ଆତ୍ମା, ମୟୂରଭଞ୍ଜ

ଯୋଗାଯୋଗ :
କୃଷି ବିଜ୍ଞାନ କେନ୍ଦ୍ର, ମୟୂରଭଞ୍ଜ, ଶାମାଖୁଣ୍ଟା
ସା/ପୋ-ଶାମାଖୁଣ୍ଟା, ପିନ୍ - ୭୫୭୦୪୯
ଦୂରଭାଷ : ୦୬୭୯୨-୨୧୧୫୫୫
ଇ-ମେଲ :
mayurbhanjkvk@yahoo.co.in
kvkmayurbhanj@rediffmail.com
ୱେବ୍‌ସାଇଟ୍ :
www.kvkmayurbhanj.org.in

ପ୍ରାପ୍ତେଷୁ

.....

.....